ODIA

# ଏହା ପରେ କିଏ?




ମିନି ଶ୍ରୀନିବାସନ୍


ଚିତ୍ର ପ୍ରିୟା କୁରିୟାନ୍

ଅନୁବାଦ ଇନ୍ଦୁଗୁ ଲକ୍ଷ୍ମୀ



eklavya


RAJDOO
MACHINE PARTS AND
MAY
Tinkle




ଏବେ ଖରାଛୁଟି। ଅମିନା ବିରକ୍ତ ହୋଇ ଯାଉଛି। ସେ ତା'ର ସବୁ କଣ୍ଢେଇ ସହିତ ଖେଳି ସାରିଲାଣି। ସେ ତା'ର ଖେଳନା ଟ୍ରକ୍ ସହ ଖେଳି ସାରିଲାଣି। ଏମିତିକି ସେ ତା'ର କୁକୁରଛୁଆ ସହିତ ମଧ୍ୟ ଖେଳି ସାରିଲାଣି। ଏବେ ସେ ବହୁତ ବିରକ୍ତ ହୋଇଗଲାଣି।





ହଠାତ୍ ଅମିନା ଜୋର ସଙ୍ଗୀତ ଶୁଣିଲା ।
ସେ ବାହାରକୁ ଚାହିଁଲା । ଗଳି ମୁଣ୍ଡରେ ସେ
କାହାର ବଡ଼ କଳା ଜୋତା ଦେଖି ପାରିଲା ।
କିଏ ହୋଇପାରେ ?







STD ISD
BITTU SITA
SALIM
TEA POINT





ବ୍ୟାଣ୍ଡ ! ବ୍ୟାଣ୍ଡ ! ଅମିନା ବ୍ୟାଣ୍ଡ
ବହୁତ ଭଲ ପାଏ । ତା ପରେ କିଏ?





ଗୋଟିଏ ବଡ଼ ଡ୍ରମ୍ ନେଇକି ଆଉ ଜଣେ
ବାଜା ବାଲା ! ଡ୍ରମ୍‌ର ଶବ୍ଦ ବହୁତ ଜୋର ।




ଅମିନା ଡ୍ରମ୍ ବହୁତ ଭଲ ପାଏ । ସେ
ଗଳି ମୁଣ୍ଡକୁ ଚାହିଁଲା । ତା ପରେ କିଏ ?


SALIM
TEA POINT
سلیم
چائے
बहार फूल
भंडार
PHONE : 011463429





ବ୍ୟାଣ୍ଡ୍ ବାଜା ବହୁତ ଜୋରରେ ବାଜୁଛି । ଅମିନା ବ୍ୟାଣ୍ଡ୍ ବହୁତ ଭଲ ପାଏ । କିନ୍ତୁ ତା ପରେ କିଏ ?





ପୁଅ ଝିଅମାନେ ନାଚୁଛନ୍ତି । ବ୍ୟାଣ୍ଡ୍
ଜୋରରେ ବାଜୁଛି । ଅମିନା ତାଳି
ମାରିଲା। କିନ୍ତୁ ତା ପରେ କିଏ ?






ଏ ତ ଗୋଟିଏ ଘୋଡ଼ା । ଗୋଟିଏ ସୁନ୍ଦର ଧଳା ଘୋଡ଼ା । ଘୋଡ଼ାଟି ଧୀରେ ଧୀରେ ଚାଲୁଛି । ପୁଅ ଝିଅମାନେ ନାଚୁଛନ୍ତି । ବ୍ୟାଣ୍ଡ୍ ଜୋରରେ ବାଜୁଛି । କିନ୍ତୁ ବର କାହିଁ ?



ELECTRICALS
SALIM
TEA POINT
बहार फूल भंडार
MUSKAAN
BOMBAY CHAAT




ସେ ତ ଘୋଡ଼ା ଉପରେ ନାହିଁ । ଘୋଡ଼ାଟି
ପିଲାମାନଙ୍କ ପଛରେ ଅଛି । ପିଲାମାନେ ବ୍ୟାଣ୍ଡ
ପଛରେ ଅଛନ୍ତି । କିନ୍ତୁ ବର କାହିଁ ?





ଆରେ ସେଇଠି ବର ! ସେ ବହୁତ ଜୋରରେ ଧାଉଁଛି । ତା ମାଆ ତା ସହିତ ଧାଉଁଛନ୍ତି । ତା ବାପା, ଭଉଣୀ, ଭାଇ ତା ସହ ଧାଉଁଛନ୍ତି । ତା ମାମୁ, ମାଇଁ, ଦାଦା, ଖୁଡ଼ୀ, ଭାଇ ଭଉଣୀ ଆଉ ସାଙ୍ଗମାନେ ତା ସାଙ୍ଗରେ ଧାଉଁଛନ୍ତି ।

ବର ଘୋଡ଼ା ଉପରେ ଚଢ଼ିଗଲା । ସେ ଖୁସିରେ ହସିଦେଲା । ସମସ୍ତେ ତାଳି ମାରିଲେ ।





रमनलाल चमनलाल
IIT-JEE, NEET
कोयल COACHING CENTRE
JEETU LODGE
STD ISD


RAJDOO
MACHINE PARTS AND
MAY
Tinkle

ଅମିନା ବହୁତ ଖୁସି । ତାକୁ ଏବେ
ଆଉ ବିରକ୍ତ ଲାଗୁନାହିଁ ।





ଅମିନା ତା'ର ସବୁ ଖେଳନା ସହିତ ଖେଳି ସାରିଥିଲା । ସେ ବିରକ୍ତ ହେଉଥିଲା । ଖୁସି କରିବା ଭଳି କିଛି ବି ସେ ପାଉ ନ ଥିଲା । ହଠାତ୍ ସେ ଗୋଟିଏ ଶବ୍ଦ ଶୁଣି ପାରିଲା...



ମିନି ଶ୍ରୀନିବାସନ୍

ମିନି ଶ୍ରୀନିବାସନ୍ ପିଲାଙ୍କୁ ତାଙ୍କର ସଚ୍ଚୋଟତା ଏବଂ ଖୁସିବାସିଆ ମନ ପାଇଁ ବହୁତ ଭଲ ପାଆନ୍ତି । ସେମାନଙ୍କ ପାଇଁ ଲେଖିବାକୁ ଭଲ ପାଆନ୍ତି । ତାଙ୍କ ବହିସବୁ ଅନ୍ୟ ପୁରସ୍କାର ସହିତ ସାହିତ୍ୟ ଏକାଡେମୀର ବାଲ୍ ସାହିତ୍ୟ ପୁରସ୍କାର ପାଇଛି । ସେ ଜଣେ ଶିକ୍ଷକ ଏବଂ ଶିକ୍ଷକ-ପ୍ରଶିକ୍ଷକ, ବର୍ତ୍ତମାନ ଗାଁ ସ୍କୁଲରେ ଶିକ୍ଷା କ୍ଷେତ୍ରରେ କାମ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ପରାମର୍ଶଦାତା ଅଛନ୍ତି ।



ପ୍ରିୟା କୁରିୟାନ

ପ୍ରିୟା କୁରିୟାନ୍ ଜଣେ ଶିଶୁ ସାହିତ୍ୟିକ, କମିକ୍ ଲେଖକ ଏବଂ ଚିତ୍ରକର । ସେ ନ୍ୟାସନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍ର ଜଣେ ସ୍ନାତକ । ସେ ସିସମ୍ ଷ୍ଟ୍ରିଟ୍ ସୋ (ଭାରତ) ଏବଂ ଭାରତୀୟ ଶିଶୁ ଫିଲ୍ମ ସୋସାଇଟି ପାଇଁ ନିର୍ଦ୍ଦେଶନା ଦେଇଛନ୍ତି । ବିଭିନ୍ନ ଦୃଶ୍ୟମାନ ଶୈଳୀ ଉପରେ ସେ ପରୀକ୍ଷାନିରୀକ୍ଷା କରନ୍ତି । ସେ ଯୁଆଡ଼େ ବୁଲି ଯାଆନ୍ତି ସେଠିକାର ଲୋକଙ୍କର ବ୍ୟଙ୍ଗ ଚିତ୍ରରେ ତାଙ୍କ ଖାତା ଭର୍ତ୍ତି କରନ୍ତି ।


### ଏହା ପରେ କିଏ?

EHA PARE KIE?

Story: Mini Shrinivasan
Odia translation: Indugu Laxmi
Illustrations: Priya Kuriyan
Publication: Puspashree Pattnaik, Bansi Sharma (Editorial support), Indu Nair, Khizar Mohammad, Kamlesh Yadav (Production)

Odia translation of the story *Who's Next?* published by Eklavya Foundation.



Story: Mini Srinivasan
Odia translation: Eklavya Foundation, August 2025

This story may be used for non-commercial educational purposes, without any alterations as long as the author, illustrator and the publisher are credited. For any other use, please contact the publisher.

Illustrations © Priya Kuriyan, February 2021



First edition: October 2025 / 1000 copies
Paper: 170 GSM Matt art & 300 GSM FB Board (Cover)
ISBN: 978-93-48176-37-0
Price: ₹ 290.00

Developed with financial support from Parag Initiative of the Tata Trusts.

Published by: **EKLAVYA FOUNDATION**
Jamnalal Bajaj Parisar,
Jatkhedi, Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in | books@eklavya.in

Printed at: Bhandari Press, Bhopal (MP)

ମୂଲ୍ୟ: ₹ 290.00